ଧରିତ୍ରୀ
DHARITRI
ବାଲେଶ୍ୱର, ରବିବାର, ୧୬ ଜୁନ୍, ୨୦୧୯



## ସଂକ୍ଷେପରେ

### ସଂଗ୍ରାମୀ ବିର୍ସା ମୁଣ୍ଡାଙ୍କ ଶହୀଦ ଦିବସ ପାଳିତ

ବାଙ୍ଗିରିପୋଷି,୧୫।୬(ଡି.ଏନ୍.ଏ.): ମହାନ୍ ସଂଗ୍ରାମୀ ବିର୍ସା ମୁଣ୍ଡାଙ୍କ ଶହୀଦ ଦିବସ ଏଆଇଡିଏସ୍ଓ, ଏଆଇଡିୱାଇଓ ଏବଂ ମହିଳା ସାଂସ୍କୃତିକ ସଂଗଠନ ବାଙ୍ଗିରିପୋଷି ଶାଖା ପକ୍ଷରୁ ମିଳିତ ଭାବେ ପାଳିତ ହୋଇଯାଇଛି। ଏହି ଅବସରରେ ଜୁନାଠାରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସାଧାରଣ ଜ୍ଞାନ ପ୍ରତିଯୋଗିତା ହୋଇଥିଲା। ଅପରାହ୍ନରେ ଡିୱାଇଓର ଜିଲା ସଭାପତି ପୀତାମ୍ବର ନାଏକଙ୍କ ଅଧକ୍ଷତାରେ ଜନସଭା ଅନୁଷ୍ଠିତ ହୋଇଥିଲା। ପ୍ରାରମ୍ଭରେ ବିର୍ସା ମୁଣ୍ଡାଙ୍କ ପ୍ରତିକୃତିରେ ମାଲ୍ୟାର୍ପଣ କରାଯାଇଥିଲା। ସଭାରେ ଏସ୍‌ୟୁସିଆଇ(ସି)ର ରାଜ୍ୟ କମିଟି ସଭ୍ୟ ନିରାକାର ପାଣ୍ଡବ ମୁଖ୍ୟଅତିଥିଭାବେ ଯୋଗଦେଇଥିଲେ। ଡିୱାଇଓର ରାଜ୍ୟ ସମ୍ପାଦକ କେଦାରନାଥ ସାହୁ ଏବଂ ଏଆଇଡିଏସ୍ଓର ରାଜ୍ୟ ଉପସଭାପତି ସୋମନାଥ ବେହେରା ଅନ୍ୟତମ ବକ୍ତା ଭାବେ ଯୋଗଦେଇଥିଲେ। ଶେଷରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇ ନାଟକ 'ସକାଳର ଅପେରେ' ମଞ୍ଚସ୍ଥ ହୋଇଥିଲା।

### ଦେବୀପୀଠ ରକ୍ତରଞ୍ଜିତ

**ବାଙ୍ଗିରିପୋଷି,୧୫।୬(ଡି.ଏନ୍.ଏ.):** ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ବ୍ଲକ କୁମ୍ଭାର ମୁଣ୍ଡାକଟା ଓ କଳାବାଡିଆ ପଞ୍ଚାୟତ ସୀମାରେ ଅବସ୍ଥିତ ମା' ଆମ୍ବିଳିପାଟ ଦେବୀପୀଠରେ ପାହାଡ଼ି ପୂଜା ଅନୁଷ୍ଠିତ ହୋଇଯାଇଛି। ଶହ ଶହ ଭକ୍ତଙ୍କ ଉପସ୍ଥିତିରେ ଏ ବର୍ଷ ଶତାଧିକ ଛେଳି ଓ କୁକୁଡ଼ା ବଳି ପଡ଼ିବାରୁ ଦେବୀପୀଠ ରକ୍ତରଞ୍ଜିତ ହୋଇଥିଲା। କେଉଁ ଆବହମାନ କାଳରୁ ଏହି ପାହାଡ଼ିରେ ୨୨ ମୌଜା ଅଧିଷ୍ଠିତ ଦେବୀ ମା' ପୂଜା ପାଉଛନ୍ତି। ସଂକ୍ରାନ୍ତି ଓ ପୂର୍ଣ୍ଣିମାରେ ଏହି ପୀଠରେ ପୂଜା ଅନୁଷ୍ଠିତ ହୋଇଥାଏ। ଅନ୍ୟ ଦିନରେ ପାହାଡ଼ତଳି ଜଗନ୍ନାଥଖୁଣ୍ଟା ଗ୍ରାମରେ ଥିବା ପୀଠରେ ଦେବୀ ପୂଜା ପାଇଥାନ୍ତି। ପରମ୍ପରା ଅନୁଯାୟୀ ଏଥର ରଜ ସଂକ୍ରାନ୍ତିରେ ବ୍ରାହ୍ମଣ ପୂଜାର୍ଚ୍ଚନା କରିବା ପରେ ଦେହୁରୀ ମା'ଙ୍କୁ ପୂଜା କରି ବଳି ପକାଇଥିଲେ। ଏଠାରେ ଯାହା ମାନସିକ ରଖାଯାଏ, ତାହା ପୂରଣ ହୁଏ ବୋଲି ଭକ୍ତମାନେ ବିଶ୍ୱାସ କରିଥାନ୍ତି। ଏଥିଲାଗି ପଶୁବଳିକୁ ପ୍ରଶାସନ ରୋକିପାରିନାହିଁ।

# ମୟୂରଭଞ୍ଜର ଲୋକକଳା, ସଂସ୍କୃତି ଅନନ୍ୟ

**ବାରିପଦା ଅଫିସ,୧୫।୬**

ବଣପାହାଡ ଘେରା, ଆଦିବାସୀ ଅଧୁଷିତ ମୟୂରଭଞ୍ଜ ଜିଲାରେ ଲୋକକଳା ଓ ସଂସ୍କୃତି ଅନନ୍ୟ। ଜନଜୀବନ ଉପରେ ଏହା ଗଭୀର ପ୍ରଭାବ ପକାଇ ଆସିଛି। ଗ୍ରାମୀଣ ଲୋକକଳାର ବିକାଶ ଲାଗି କଳାକାରଙ୍କୁ ପ୍ରୋତ୍ସାହିତ କରାଯିବା ଲାଗି ଶନିବାର ଜିଲାସ୍ତରୀୟ ଲୋକକଳା ଦିବସ ପାଳନ ସମାରୋହରେ ଗୁରୁତ୍ୱାରୋପ କରାଯାଇଛି।

ରାଜ୍ୟରେ ପ୍ରଥମ ଥର ପାଇଁ ଜୁନ ୧୪ତାରିଖକୁ 'ଲୋକକଳା ଦିବସ' ଭାବେ ପାଳନ କରାଯାଇଛି। ଏହି କ୍ରମରେ ରାଜ୍ୟ ସରକାରଙ୍କ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଜିଲା ପ୍ରଶାସନର ତତ୍ତ୍ୱାବଧାନରେ ଜିଲାସ୍ତରୀୟ ଲୋକକଳା ଦିବସ ପାଳନ ଲାଗି ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଜିଲା ସଂସ୍କୃତ ବିଭାଗ ଆନୁକୂଲ୍ୟରେ ଅନୁଷ୍ଠି ଏହି କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ କଳାକାରମାନେ ଆସି ସମ୍ମିଳିତ ହୋଇଥିଲେ । ପ୍ରଥମେ ଜିଲାର ବିଭିନ୍ନ ଅଞ୍ଚଳରୁ ଆସିଥିବା କଳାକାରଙ୍କୁ ନେଇ ଜିଲାସ୍ତରୀୟ ଲୋକକଳା ସାଂସ୍କୃତିକ ଶୋଭଯାତ୍ରା କରାଯାଇଥିଲା। କଳାକାରମାନେ



ସାଂସ୍କୃତି ଶୋଭାଯାତ୍ରାକୁ ଜିଲାପାଳ ଶୁଭାରମ୍ଭ କରୁଛନ୍ତି।

ଲୋକବାଦ୍ୟ ଓ ନୃତ୍ୟ ପରିବେଷଣ କରି ଯିବା ବେଳେ ରାସ୍ତାଘାଟରେ ପଥଚାରୀ ଏହାକୁ ଉପଭୋଗ କରିଥିଲେ। ଜିଲା ସଂସ୍କୃତି ଭବନ ପରିସରରୁ ବାହାରିଥିବା ଏହି ଶୋଭାଯାତ୍ରା ସହରର ବିଭିନ୍ନ ସ୍ଥାନ ପରିକ୍ରମା କରିଥିଲା। ଜିଲାପାଳ ବିନିତ ଭରଦ୍ୱାଜ ଏହାର ଶୁଭାରମ୍ଭ କରିଥିଲେ। କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରି ସହର ବୁଲିବା ପରେ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ସଂସ୍କୃତି ଅଧିକାରୀ ତନୁଜା ସିର୍କା ଏଥିରେ ସଂଯୋଜନା କରିଥିଲେ।

**ଜିଲାସ୍ତରୀୟ ଲୋକକଳା ଦିବସ**
- କଳାକାରଙ୍କ ସାଂସ୍କୃତିକ ଶୋଭାଯାତ୍ରା
- ମନ ମୋହିଲା ଲୋକନୃତ୍ୟ ଓ ବାଦ୍ୟ

ସମ୍ମାନନୀୟ ଅତିଥି ଭାବେ ସହକାରୀ ଜିଲାପାଳ ରାଧାରଞ୍ଜନ ଦାସ ଏବଂ ସମ୍ମାନନୀୟ ବକ୍ତା ଭାବେ ଜିଲା ସଂସ୍କୃତି ପରିଷଦର ସଦସ୍ୟ ଶରତଚନ୍ଦ୍ର ନାୟକ ଏବଂ ଶିକ୍ଷାବିତ ଡ.ନୀଳକଣ୍ଠ ମିଶ୍ର ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ଜିଲାର ପାରମ୍ପରିକ ଲୋକକଳା ଓ ସଂସ୍କୃତିର ମହତ୍ୱ ଏବଂ କଳାକାରଙ୍କ ଭୂମିକା ସମ୍ପର୍କରେ ବକ୍ତାମାନେ ଆଲୋକପାତ କରିଥିଲେ। ଜିଲା ସଂସ୍କୃତି ଅଧିକାରୀ ଲୋକକଳା ଦିବସ ସମ୍ପର୍କରେ ସୂଚନା ଦେଇଥିଲେ। ସରକାରଙ୍କ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା କଳାକାର ପ୍ରୋତ୍ସାହନ ଭଳି ବିଭିନ୍ନ କଲ୍ୟାଣକାରୀ ଯୋଜନା ସମ୍ପର୍କରେ ସେ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମରେ ସମ୍ପୃକ୍ତ ବିଭାଗର ସମସ୍ତ ଅଧିକାରୀ ଓ କର୍ମଚାରୀ ଏବଂ ଜିଲାର ବିଭିନ୍ନ ସ୍ଥାନରୁ ଆସିଥିବା ସାଂସ୍କୃତିକ ଅନୁଷ୍ଠାନର କର୍ମକର୍ତ୍ତା ଓ କଳାକାର ଯୋଗ ଦେଇଥିଲେ।

## ଜଙ୍ଗଲରୁ ନବଜାତ ଶିଶୁପୁତ୍ର ଉଦ୍ଧାର

**ବାରିପଦା ଅଫିସ,୧୫।୬**


ଉଦ୍ଧାର ଶିଶୁ।

ମୟୂରଭଞ୍ଜ ଜିଲା ବେତନଟି ଥାନା ଅଧୀନ ସୁରେଇଡିହି ପଞ୍ଚାୟତ ନିକଟ ନାହାଶୋଳ ଜଙ୍ଗଲରୁ ଶନିବାର ଏକ ନବଜାତ ଶିଶୁପୁତ୍ରକୁ ଉଦ୍ଧାର କରାଯାଇଛି। ସ୍ୱାସ୍ଥ୍ୟବସ୍ଥା ଠିକ ନ ଥିବାରୁ ତାଙ୍କୁ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜରେ ଭର୍ତ୍ତି କରାଯାଇଛି। ଶିଶୁର ଓଜନ ୨ କିଲୋ ୧୦୦ ଗ୍ରାମ ରହିଛି। ଏହି ଶିଶୁଙ୍କୁ ଆଣି କେହି ଏଠାରେ ପକାଇ ଯାଇଥିବା ସନ୍ଦେହ କରି ପୋଲିସ ତଦନ୍ତ ଚଳାଇଛି। ଗ୍ରାମବାସୀଙ୍କ ସୂଚନା ଅନୁଯାୟୀ ଶନିବାର ଗ୍ରାମର କେତେକ ମହିଳା ନାହାଶୋଳ ଜଙ୍ଗଲ ରାସ୍ତା ଦେଇ ଯାଉଥିଲେ। ରାସ୍ତା କଡରେ ପଡିଥିବା ଏକ ଅଖାବସ୍ତା ଭିତରୁ ଶିଶୁଙ୍କ କାନ୍ଦଣା ଶୁଣି ସେମାନେ ଅଟକିଥିଲେ। ପରେ ମହିଳାମାନେ ବସ୍ତା ନିକଟକୁ ଯାଇ ଏହାକୁ ଖୋଲି ଦେଖିଥିଲେ। ବସ୍ତା ଭିତରେ ଥିବା ନବଜାତ ଶିଶୁପୁତ୍ର ଦେହରେ ସେତେବେଳକୁ ଜନ୍ଦା ଓ ପିମ୍ପୁଡି ଲାଗି ଯାଇଥିଲେ। ସେମାନେ ତୁରନ୍ତ ତାଙ୍କୁ ସେଠାରୁ ଗ୍ରାମକୁ ନେଇ ଆସିଥିଲେ। ପରେ ଯୁବନେତା ରାକେଶ ସିଂଙ୍କ ସହଯୋଗରେ ଅଙ୍ଗନବାଡି କର୍ମୀ ସୀତା ହେମ୍ବ୍ରମ ଓ ଆଶା କର୍ମୀ ହୀରାମଣି ସୋରେନଙ୍କ ସହାୟତାରେ ଏହି ଶିଶୁଙ୍କୁ ବାରିପଦା ମେଡିକାଲରେ ଭର୍ତ୍ତି କରାଯାଇଥିଲା।

## 'ସ୍ୱାସ୍ଥ୍ୟ, ଶିକ୍ଷା ବ୍ୟବସ୍ଥାରେ ସୁଧାର ଆଣ'

### ଏମ୍‌ପି ଓ ବିଧାୟକଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ସଭାରେ ଦାବି


ବିଧାୟକ, ଏମ୍‌ପିଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

**ଉଦଳା, ୧୫।୬ (ଡି.ଏନ.ଏ.)**

'ଆମେ ଭଞ୍ଜ କଳାକାର କ୍ଲବ' ପକ୍ଷରୁ ମୟୂରଭଞ୍ଜ ଜିଲାର ନବ ନିର୍ବାଚିତ ଏମ୍‌ପି ଇଂ ବିଶେଶ୍ୱର ଟୁଡୁ ଏବଂ ଉଦଳା ବିଧାୟକ ଭାସ୍କର ମଢେଇଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଶୁକ୍ରବାର ସନ୍ଧ୍ୟାରେ କ୍ଲବ ସଭାଗୃହରେ ଆୟୋଜିତ ସଭାରେ କ୍ଲବର ବରିଷ୍ଠ ସଦସ୍ୟ ହରିହର ତ୍ରିପାଠୀ ସଭାପତିତ୍ୱ କରିଥିଲେ। ଉପଦେଷ୍ଟା ସୁରେଶ ଚନ୍ଦ୍ର ଦାସ ମଞ୍ଚାସୀନ ହୋଇ ଏମ୍‌ପି ଓ ବିଧାୟକଙ୍କୁ ସମ୍ବର୍ଦ୍ଧିତ କରିଥିଲେ। କ୍ଲବ ପକ୍ଷରୁ ଉଦଳା ଉପଖଣ୍ଡ ଚିକିତ୍ସାଳୟର ବିଭିନ୍ନ ବିଭାଗରେ ଡାକ୍ତର ନିଯୁକ୍ତି ଦେବା, ଉଦଳା ମହାବିଦ୍ୟାଳୟରେ ଖାଲି ପଡିଥିବା ଅଧାପିକା, ଅଧାପକ ପଦବୀ ପୂରଣ କରିବା ଏବଂ କେନ୍ଦ୍ରୀୟ ବିଦ୍ୟାଳୟକୁ ଶୀଘ୍ର କାର୍ଯ୍ୟକ୍ଷମ କରିବା ଲାଗି ଦାବି କରାଯାଇଥିଲା। ସ୍ୱାଗତ ସମ୍ବର୍ଦ୍ଧନା ସଭାରେ ଡା. ଚକ୍ରଧର ମହାପାତ୍ର, ରତ୍ନାକର ପ୍ରଧାନ, କୁବେର ରଣା, ପ୍ରମୋଦ ଦାସ, କୃତ୍ତିବାସ ବେହେରାଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ। ଶେଷରେ ପ୍ରସନ୍ନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଏମ୍‌ପି ଇଂ ଟୁଡୁ ଓ ବିଧାୟକ ମଢେଇ ଦାବି ପୂରଣ ଦିଗରେ ଦୃଷ୍ଟିଦେବେ ବୋଲି କହିଥିଲେ।

## ବହୁ ଭକ୍ତଙ୍କ ସମାବେଶରେ ସରିଲା ପାରମ୍ପରିକ ଉଡ଼ା ଯାତ୍ରା

**କୁଆମରା ୧୫।୬(ଡି.ଏନ. ଏ.)**

ରଜ ପର୍ବ ଅବସରରେ ମୟୂରଭଞ୍ଜ ଜିଲା ଗୋପବନ୍ଧୁ ନଗର ବ୍ଲକର ପଶୁଦା, ଘାଗରା, କୁଆମରା, ପାଳଶା, ଭାନୁପୁରଠାରେ ଅନୁଷ୍ଠିତ ୩ ଦିନିଆ ଉଡ଼ା ଯାତ୍ରା ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏହି ଉଦଯାପନୀ ଉତ୍ସବରେ ବିଭିନ୍ନ ସ୍ଥାନରେ ବହୁ ଭକ୍ତଙ୍କ ସମାଗମ ହୋଇଥିଲା। ଚଳିତ ବର୍ଷ ଉଡା ଯାତ୍ରାରେ ମୋଟ ୪୧ ଭକ୍ତ ନିଜ ପିଠିରେ କଣ୍ଟା ଫୁଟା କାର୍ଯ୍ୟ କରିଥିବା ଜଣାପଡିଛି। ଉଡା ଯାତ୍ରାର ୩ ଦିନ ପୂର୍ବରୁ ପ୍ରତି ସନ୍ଧ୍ୟାରେ କଷ୍ଟ ସାଧ କଣ୍ଟା ପାଟ, ନିଆଁ ପାଟ ଓ ଝୁଲା


ଉଡା ଯାତ୍ରାରେ ଜଣେ ଭକ୍ତ।

ପାଟ ପ୍ରଭୃତି ଅନୁଷ୍ଠିତ ହୋଇଥିଲା। ଉଡା ଯାତ୍ରା ଦିନ ସ୍ଥାନୀୟ ଜଳାଶୟରୁ ଜଳପୂର୍ଣ୍ଣ ଘଟ ଅଣାଯାଇ ବିରାଟ ପଟୁଆର ଗାଁ ପରିକ୍ରମା କରାଯିବା ପରେ ଗ୍ରାମ ଦେବୀ ମା' ବାସୁଳୀଙ୍କ ପୀଠରେ ଏହାକୁ ପୂଜାର୍ଚ୍ଚନା କରାଯାଇଥିଲା। ପରେ ପାରମ୍ପରିକ ରୀତିରେ ଉଡା ଯାତ୍ରା ଆରମ୍ଭ ହୋଇଥିଲା।

ପଶୁଦା ଠାରେ ଅନୁଷ୍ଠିତ ଉଡା ଯାତ୍ରାରେ ମୁଖ୍ୟ ଦାସୀ ଭାବେ ଅଶୋକ କଟୁଆଳ, ବାଇଧର ଜେନା, କରାମତ ଦେହୁରୀ, ଉମାକାନ୍ତ ଜେନା ପ୍ରମୁଖ ଦାୟିତ୍ୱ ତୁଲାଇଥିଲେ। ୧୬ଜଣ ଭକ୍ତ ଉଡା କାର୍ଯ୍ୟରେ ଅଂଶ ଗ୍ରହଣ କରିଥିଲେ। କମିଟିର ସଭାପତି ରାଧାକାନ୍ତ ରାଉତ, ସମ୍ପାଦକ ଗଜେନ୍ଦ୍ର ନାୟକ, ବଂଶୀଧର ପ୍ରଧାନ, ବ୍ରଜବନ୍ଧୁ ଦାସ, ବିଜୟ କଟୁଆଳ, ଅସିତ ଲେଙ୍କା ପ୍ରମୁଖ ଯାତ୍ରା ପରିଚାଳନା କରିଥିଲେ। ଘାଗରା ଠାରେ ପହିଲା ରଜ ସନ୍ଧ୍ୟାରେ ଅନୁଷ୍ଠିତ ଉଡା ଯାତ୍ରାରେ ୧୩ ଭକ୍ତ ଅଂଶଗ୍ରହଣ କରିଥିଲେ। ମୁଖ୍ୟ ଦାସୀ ଭାବେ ହରିହର ନାଏକ ଦାସୀ କାର୍ଯ୍ୟ ତୁଲାଇଥିଲେ। କୁଆମରାଠାରେ ୮ ଦାସୀ ଭକ୍ତ ଭାବେ ଉଡାକାର୍ଯ୍ୟ ସମ୍ପନ୍ନ କରିଥିଲେ। କମିଟି କର୍ମକର୍ତ୍ତାଙ୍କ ତତ୍ତ୍ୱାବଧାନରେ ଏହା ପରିଚାଳିତ ହୋଇଥିଲା। ପାଳଶାଠାରେ ୭ଜଣ ଓ ସାଇଁକୁଳା ପଞ୍ଚାୟତର ଭାନୁପୁରଠାରେ ୧୪ଜଣ ଦାସୀ ଉକ୍ତ ଭାବେ କାର୍ଯ୍ୟ ତୁଲାଇଥିଲେ। ହରି ମଳିକ ଥିଲେ ମୁଖ୍ୟ ଦାସୀ ।

## ଭଦ୍ରକ

### ପରଲୋକରେ ସାହିତ୍ୟିକ ଅକ୍ଷୟ

**ଭଦ୍ରକ ଅଫିସ, ୧୫।୬**



ଭଦ୍ରକ ଜିଲା ଓ ଜିଲା ବାହାରେ ଜଣାଶୁଣା ସାହିତ୍ୟିକ ତଥା ଭଦ୍ରକ ପୁସ୍ତକ ମେଳାର ପ୍ରତିଷ୍ଠାତା ଅକ୍ଷୟ ବାରିକଙ୍କର ଶନିବାର ପୂର୍ବାହ୍ନରେ ପରଲୋକ ହୋଇଯାଇଛି। ସେ ଗତ କିଛିଦିନ ଧରି କିଡ୍‌ନୀଜନିତ ରୋଗରେ ଆକ୍ରାନ୍ତ ଥିଲେ। ସେ ଭଦ୍ରକର ମନମୋହନ ସଂଗୀତ ପରିଷଦ ପରିସରରେ ରହିଆସୁଥିଲେ। ଅପରାହ୍ନରେ ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ଜିଲାର ବିଭିନ୍ନ କୋଣାନୁକୋଣରୁ ସାହିତ୍ୟିକ, ସାହିତ୍ୟପ୍ରେମୀ, ରାଜନେତା, ପୁସ୍ତକପ୍ରେମୀ ଆସି ଶେଷଦର୍ଶନ କରିଥିଲେ। ଉଲ୍ଲେଖନୀୟ ଯେ, ଭଦ୍ରକର ବହୁ ସାହିତ୍ୟ ଅନୁଷ୍ଠାନ ଓ ସେ ନିଜେ ସାରସ ପବ୍ଲିକେଶନ ନାମରେ ଏକ ସଂସ୍ଥା ଖୋଲି ବହୁ ପୁସ୍ତକ ମୁଦ୍ରଣ କରାଇଥିଲେ। ତାଙ୍କ ଘର ତିହିଡି ବ୍ଲକ ବାରୁଅ ଗାଁରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା।

## ସଂକ୍ରାନ୍ତିରେ ଆଖଣ୍ଡଳମଣି ପୀଠ ଚଳଚଞ୍ଚଳ

**ଆରଡ଼ି, ୧୫।୬ (ଡି.ଏନ.ଏ.)**

ଭଦ୍ରକ ଜିଲାର ପ୍ରସିଦ୍ଧ ଶୈବପୀଠ ଆରଡ଼ିର ବାବା ଆଖଣ୍ଡଳମଣିଙ୍କ ପୀଠ ରଜ ସଂକ୍ରାନ୍ତିରେ ଚଳଚଞ୍ଚଳ ହୋଇଉଠିଥିଲା। ସଂକ୍ରାନ୍ତି ପାଇଁ ପୀଠରେ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା। ଶନିବାର ଭୋର ୪ ଟାରେ ମନ୍ଦିର ପହଡ଼ ଖୋଲାଯାଇ ୪ଟା ୩୦ରେ ମଙ୍ଗଳ ଆଳତି କରାଯାଇଥିଲା। ମଙ୍ଗଳ ଆଳତି ଦେଖିବାକୁ ଭକ୍ତଙ୍କ ଭିଡ଼ ଜମିଥିଲା। ଶ୍ରଦ୍ଧାଳୁମାନେ ଲମ୍ଭାଧାଡ଼ିରେ ଠିଆ ହୋଇ ଶାନ୍ତିଶୃଙ୍ଖଳାରେ ପ୍ରଭୁଙ୍କୁ ଦର୍ଶନ କରିଥିଲେ। ପରେ ପରେ ପୀଠକୁ ଜିଲା ଓ ଜିଲା ବାହାରୁ ହଜାର ହଜାର ଶ୍ରଦ୍ଧାଳୁଙ୍କ ଆଗମନ ହୋଇଥିଲା। ହରିବୋଲ, ହୁଳହୁଳି, ଓଁ ନମଃ ଶିବାୟ ଧ୍ୱନିରେ ପୀଠ ପ୍ରକମ୍ପିତ ହୋଇଥିଲା।

ପ୍ରତିବର୍ଷ ପୀଠରେ ରଜ ସଂକ୍ରାନ୍ତିରେ ପ୍ରବଳ ଭିଡ଼ ହେଉଥିବା ବେଳେ ଜିଲା ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ନ ହେବାକୁ ନେଇ ସେବାୟତ ଓ ଆଖପାଖ ଅଞ୍ଚଳର ଜନସାଧାରଣ ଅସନ୍ତୋଷ ବ୍ୟକ୍ତ କରିଥିଲେ। କେବଳ ଆରଡ଼ି ଫାଣ୍ଡିଅଧିକାରୀ


ବାବା ଆଖଣ୍ଡଳମଣିଙ୍କୁ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ଲମ୍ଭାଧାଡ଼ି।

ଓ ତାଙ୍କର ହାତଗଣତି କେତେଜଣ ଷ୍ଟାଫ ପ୍ରବଳ ଜନସମାଗମକୁ ନିୟନ୍ତ୍ରଣ କରିବାକୁ ନିୟୋଜିତ ହୋଇଥିଲେ। ପୀଠରେ ଏତେସଂଖ୍ୟକ ଯାନକୁ ନିୟନ୍ତ୍ରଣ କରିବା ପାଇଁ ଟ୍ରାଫିକ ପୋଲିସ ତ ଦୂରର କଥା ଜଣେ ସବଇନ୍ସପେକ୍ଟର ମଧ ନିଯୁକ୍ତ ନ ହେବା ସମସ୍ତଙ୍କୁ ଚକିତ କରିଛି। ଆରଡ଼ି ଶିଶୁମନ୍ଦିରଠାରୁ ପୀଠର ପ୍ରବେଶ ଦ୍ୱାର ପର୍ଯ୍ୟନ୍ତ ଏଣେତେଣେ ରଖାଯାଇଥିବା ଯାନକୁ ନିଜେ ଫାଣ୍ଡିଅଧିକାରୀ ବ୍ରଜକିଶୋର ଦାସ ନିୟନ୍ତ୍ରଣ କରି ସ୍ୱାଭାବିକ କରିବାକୁ ନାକେଦମ୍ ହୋଇଥିଲେ। ଅପରାହ୍ନ ୪ଟା ପର୍ଯ୍ୟନ୍ତ ପୀଠରେ ଭିଡ଼ ଲାଗିରହିଥିଲା। ବହୁ ଶ୍ରଦ୍ଧାଳୁଙ୍କ ଆଗମନ ସତ୍ତ୍ୱେ କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇ ନ ଥିବା ଫାଣ୍ଡି ଅଧିକାରୀ କହିଛନ୍ତି। ଏ ସମ୍ପର୍କରେ ମନ୍ଦିର ପରିଚାଳକ ବିଦ୍ୟାଧର ପଲାଇଙ୍କୁ ପଚାରିବାରୁ କହିଛନ୍ତି, ପୂର୍ବବର୍ଷଗୁଡ଼ିକରେ ଏଭଳି ଭିଡ଼ ହୋଇ ନ ଥିବାରୁ ଅଧିକ ସଂଖ୍ୟକ ପୋଲିସ ମଗାଯାଇ ନ ଥିଲା। କେବଳ ଗଳିଘର ଭିତର ଦେଇ କେତେକ ଭକ୍ତ ମନ୍ଦିରକୁ ପ୍ରବେଶ କରିବାକୁ ନେଇ ସେବାୟତଙ୍କ ମଧ୍ୟରେ ବଚସା ହୋଇଥିଲା। ପରେ ଏହାର ସମାଧାନ କରାଯାଇଥିଲା। ପରବର୍ତ୍ତୀ ବର୍ଷରେ ଭିଡ଼ ନିୟନ୍ତ୍ରଣ ଲାଗି ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

### ଜିଲା ପ୍ରାକ୍ ମକଦ୍ଦମା ମଧ୍ୟସ୍ଥତା କେନ୍ଦ୍ର ଉଦ୍‌ଘାଟିତ

**ଭଦ୍ରକ ଅଫିସ, ୧୫।୬**

ଭଦ୍ରକ କୋର୍ଟ ପରିସରରେ ଶନିବାର ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ପ୍ରାକ୍ ମକଦ୍ଦମା ମଧ୍ୟସ୍ଥତା କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ହାଇକୋର୍ଟ ବିଚାରପତି ତଥା ରାଜ୍ୟ ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷା ବିଚାରପତି ସଞ୍ଜୁ ପଣ୍ଡା ଉଦ୍‌ଘାଟନ କରିଥିଲେ। ଏହି କେନ୍ଦ୍ର ଜରିଆରେ ବିବାହ ବିଚ୍ଛେଦ, ପାରିବାରିକ ଗଣ୍ଡଗୋଳ, ଦେୱାନି ମାମଲା ଏବଂ ମୋଟର ଭେହିକିଲ ଆକ୍ଟ ଅନ୍ତର୍ଗତ ମାମଲାକୁ ମଧ୍ୟସ୍ଥଙ୍କ ମାଧ୍ୟମରେ ସମାଧାନ କରାଯାଇପାରିବ। କୋର୍ଟକୁ ଯାଇ ନ ଥିବା ମକଦ୍ଦମା ଏହି ଡେସ୍କ ଜରିଆରେ ଆପୋସ ମିଳାମିଶାରେ ସମାଧାନ ହେବ। ଜିଲା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ଶୋଭନ ଦାଶ, ସମ୍ପାଦିକା ଅପର୍ଣ୍ଣା ମହାପାତ୍ର, ରାଜ୍ୟ ଆଇନସେବା ପ୍ରାଧିକରଣ ସଦସ୍ୟ ସଚିବ ଦେବାଶିଷ ନାୟକ, ପରିବାର ଅଦାଲତ ନ୍ୟାୟାଧିଶ ସଞ୍ଜୀବ ଦୁବେ, ଏଡିଜେ ପ୍ରଣତି ସାହା, ବିଚାରପତି ଲୋପାମୁଦ୍ରା ମଲ୍ଲ ଏବଂ ସ୍ଥାୟୀ ଲୋକ ଅଦାଲତ ଅଧ୍ୟକ୍ଷ ଗୋବିନ୍ଦ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

## ସମୀକ୍ଷା ହେଲେ ରଜ କୁଇନ୍

**ତିହିଡ଼ି, ୧୫।୬(ଡି.ଏନ.ଏ.)**

ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅନ୍ତର୍ଗତ ମୁକୁନ୍ଦପୁର ପଞ୍ଚାୟତ ଚଉଁରୀ ଗାଁରେ ଶୁକ୍ରବାର ରଜବତୀ ସାହିତ୍ୟ ସଂସ୍କୃତି ଅନୁଷ୍ଠାନ ପକ୍ଷରୁ ଅନୁଷ୍ଠିତ ରଜ ମହୋତ୍ସବରେ ସମୀକ୍ଷା ଦାସ ରଜ କୁଇନ୍ ହୋଇଛନ୍ତି। ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ ସେ ପ୍ରଥମ ହୋଇଥିବାରୁ ତାଙ୍କୁ ରଜ କୁଇନ୍ କରାଯାଇଥିଲା। ରଙ୍ଗୋଲି ପ୍ରତିଯୋଗିତାରେ ୧୦ ଜଣ, କୁଇଜ୍‌ରେ ୨୫ ଓ ମେହେନ୍ଦିରେ ୧୪ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଅତିଥିମାନେ ସମୀକ୍ଷାଙ୍କୁ ରଜ କୁଇନ୍ ମୁକୁଟ ପିନ୍ଧାଇ ସମ୍ମାନିତ କରିଥିଲେ। ଦଧିଚୀ ସମ୍ମାନପ୍ରାପ୍ତ ଶିକ୍ଷକ ଦୀନରଞ୍ଜନ ପାଢ଼ୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ସାମାଜିକ କର୍ମୀ କୃପାସିନ୍ଧୁ ଖୁଣ୍ଟିଆ ଓ ଚକ୍ରଧର ମହାନ୍ତି ଅତିଥି ଭାବେ ଯୋଗଦେଇଥିଲେ। ଅନୁଷ୍ଠାନର ସମ୍ପାଦକ ରତିକାନ୍ତ ଦାସ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଅବସରରେ କବି ନୀଳମଣି ପ୍ରଧାନଙ୍କୁ ସଙ୍ଗଠନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ମାନପତ୍ର ପାଠ କରିଥିଲେ ଗୋଲକ ପଣ୍ଡା। ସୁରେଶ ଦାସ, ରାଜେଶ ଦାସ, ମନ୍ମଥ ଦାସ, ଜ୍ଞାନେନ୍ଦ୍ର ଦାସ, ଶ୍ରଦ୍ଧାଞ୍ଜଳି ପଟ୍ଟନାୟକ, ପ୍ରତୀକ୍ଷା ଦାସ, ସ୍ନେହଲତା ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


ରଜ କୁଇନ୍ ସମୀକ୍ଷାଙ୍କୁ ଅତିଥିମାନେ ସମ୍ମାନିତ କରୁଛନ୍ତି।

## 'ପରମ୍ପରା ବଞ୍ଚିଲେ ସଂସ୍କୃତି ବଞ୍ଚିବ'

**ଧାମନଗର, ୧୫।୬ (ଡି.ଏନ୍.ଏ.)**

ଧାମନଗର ବ୍ଲକ ବୟାଙ୍ଗ ମେଳଣ ମଣ୍ଡପରେ ପ୍ରଥମ ବାର୍ଷିକ ରଜ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। କୋଠାର ଓ ବୟାଙ୍ଗଡିହି ପଞ୍ଚାୟତର ବହୁ ବିଶିଷ୍ଟ ବ୍ୟକ୍ତି ଏବଂ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଏହି ମହୋତ୍ସବ ପାଳନ ଆରମ୍ଭ ହୋଇଥିବା ବେଳେ ଶିକ୍ଷାବିତ୍ ବିଷ୍ଣୁଚରଣ ମହାନ୍ତିଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପହିଲି ରଜ ଅବସରରେ ଦିନସାରା ପିଲାମାନଙ୍କୁ ଦୋଳି ଖେଳାଇବା, ମହିଳାଙ୍କୁ ନେଇ ଝୋଟି ଓ ପୋଡ଼ପିଠା ତିଆରି ପ୍ରତିଯୋଗିତା ପରେ ସନ୍ଧ୍ୟାରେ ଉଦ୍‌ଯାପନୀ କାର୍ଯ୍ୟକ୍ରମ ହୋଇଥିଲା। ଅଧ୍ୟାପକ ଶ୍ରୀଧର ସାହୁଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ଧାମନଗର ବିଧାୟକ କବି ବିଷ୍ଣୁ ସେଠୀଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ପରମ୍ପରା ବଞ୍ଚିଲେ ସଂସ୍କୃତି


ଉତ୍ସବ କମିଟି ତରଫରୁ ବିଧାୟକ ବିଷ୍ଣୁ ସେଠୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ବଞ୍ଚିବ ବୋଲି ମୁଖ୍ୟଅତିଥି ମତବ୍ୟକ୍ତ କରିଥିଲେ। ରଜ ମହୋତ୍ସବ ପାଳନକୁ ସ୍ୱାଗତ କରିବା ସହ ଆବଶ୍ୟକ କାର୍ଯ୍ୟ ପାଇଁ ସେ ପ୍ରତିଶ୍ରୁତି ଦେଇଥିଲେ। ନାଟ୍ୟକାର ହରେକୃଷ୍ଣ ମହାନ୍ତିଙ୍କୁ 'ରଜରାଜ' ସମ୍ମାନରେ ସମ୍ମାନିତ କରାଯାଇଥିଲା। ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ଶରତ ନାୟକ, ବୁଦ୍ଧଦେବ ଜେନା, ଆଶିଷ ଜେନା ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ବିଷ୍ଣୁଚରଣ ମହାନ୍ତି ମଞ୍ଚ ସଂଯୋଜନା, ସଦାଶିବ ପୋଥାଳ ଅତିଥି ପରିଚୟ ଓ ସୁବ୍ରତ ମଲ୍ଲିକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ନାରାୟଣ ଜେନା, ସତ୍ୟସୁନ୍ଦର ପାଢ଼ୀ ଓ ମାନଗୋବିନ୍ଦ ସାହୁ ପରିଚାଳନା କରିଥିଲେ।

### ୪ ବଖରା ଜଳିଗଲା

**ବନ୍ତ,୧୫।୬ (ଡି.ଏନ.ଏ.)**

ବନ୍ତ ତହସିଲ ଅଧୀନ ଗଣିଜାଙ୍ଗ ପଞ୍ଚାୟତ ତୁଣ୍ଡା ଗ୍ରାମରେ ଶୁକ୍ରବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ୪ ବଖରା ଘର ଜଳିଯାଇଛି। ଗ୍ରାମର ଶୁକଦେବ ମୁଣ୍ଡାଙ୍କ ଘରେ ନିଆଁ ଲାଗି ତାଙ୍କର ୩ ଏବଂ ସହଦେବ ମୁଣ୍ଡାଙ୍କର ଗୋଟିଏ ବଖରା ପୋଡ଼ି ଯାଇଥିବାବେଳେ ଲକ୍ଷାଧିକ ଟଙ୍କାର ଆସବାବପତ୍ର ପୋଡ଼ି ନଷ୍ଟ ହୋଇଯାଇଛି। ଆଗରପଡ଼ା ଦମକଳ କେନ୍ଦ୍ରର ଲ୍ୟାଣ୍ଡଲାଇନ ଖରାପ ଥିବାରୁ ବିଳମ୍ବରେ ଖବର ପାଇ ଅଗ୍ନିଶମ କର୍ମଚାରୀ ପହଞ୍ଚି ଗ୍ରାମବାସୀଙ୍କ ସହାୟତାରେ ନିଆଁକୁ ଆୟତ୍ତ କରିଥିଲେ। ପୂର୍ବଶତ୍ରୁତାକୁ ନେଇ କେହି ଦୁର୍ବୃତ୍ତ ଘରେ ନିଆଁ ଲଗାଇ ଦେଇଥିବା ସନ୍ଦେହ କରାଯାଉଛି।

## ଉତ୍ସବମୁଖର ପଡୁଁଆ ସରପୋଖରୀଆଡ଼ି

### ■ଋଷ୍ୟଶୃଙ୍ଗ ଓ ଶାନ୍ତାକନ୍ୟାଙ୍କ ବିବାହ ଉତ୍ସବ

**ବାସୁଦେବପୁର, ୧୫।୬ (ଡି.ଏନ.ଏ.)**

ବାସୁଦେବପୁର ବ୍ଲକ ପଡୁଁଆ ପଞ୍ଚାୟତର ସରପୋଖରୀଆଡ଼ି ଉତ୍ସବମୁଖର ହୋଇଛି। ଋଷ୍ୟଶୃଙ୍ଗ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଏଠାରେ ୬୪ତମ ଋଷି ଋଷ୍ୟଶୃଙ୍ଗ ଓ ଶାନ୍ତାକନ୍ୟାଙ୍କ ବିବାହ ଉତ୍ସବ ପାଳନ କରାଯାଉଛି। ଆକର୍ଷଣୀୟ ଭାବେ ଦେବଦେବୀ ଓ ଋଷିଙ୍କ ମେଢ଼ ନିର୍ମାଣ କରାଯାଇ ପୂଜାମଣ୍ଡପରେ ପୂଜାର୍ଚ୍ଚନା କରାଯାଉଛି। ଗଣପର୍ବ ରଜ ଅବସରରେ ୩ଦିନ ଧରି ଏଠାରେ ଏହି ବିବାହ ଉତ୍ସବ ପାଳନ ହେଉଛି। ପୌରାଣିକ କଥାବସ୍ତୁ ଅନୁସାରେ, ତ୍ରେତୟା ଯୁଗରେ ଅଙ୍ଗ, ବଙ୍ଗ, କଳିଙ୍ଗ ରାଜ୍ୟରେ ୧୨ବର୍ଷରୁ ଊର୍ଦ୍ଧ୍ୱ ଧରି ଅନାବୃଷ୍ଟି ହୋଇଥିଲା। ଏହି ଅନାବୃଷ୍ଟିକୁ ଏଡ଼ାଇବାକୁ ସ୍ୱର୍ଗର ଗଣିକା ଜରତାଙ୍କୁ ଉଗ୍ରତିପାଦ ଋଷି ଋଷ୍ୟଶୃଙ୍ଗଙ୍କ ପାଖକୁ ପଠାଯାଇଥିଲା। ସେଠାରେ ଜରତା ଗଣିକା ଋଷ୍ୟଶୃଙ୍ଗଙ୍କର ତପସ୍ୟା ଭଗ୍ନ କରି ତାଙ୍କୁ ଆଣିବା ସହିତ ଅନାବୃଷ୍ଟି ଦୂର କରିଥିଲେ। ଏହାପରେ ରାଜା ଦଶରଥଙ୍କର କନ୍ୟା ତଥା ଲୋମପାଦଙ୍କର ପାଳିତ କନ୍ୟା ଶାନ୍ତାଙ୍କୁ ଋଷି ଋଷ୍ୟଶୃଙ୍ଗ ସହ ବିବାହ କରାଯାଇଥିଲା। ଏହି ବିବାହ ଉତ୍ସବରେ ଦେବଦେବୀମାନେ ଆଗମତ କରିଥିବା ଲୋକକଥା ରହିଛି। ପୌରାଣିକ କଥାବସ୍ତୁ ଓ ପରମ୍ପରାକୁ ଉଜ୍ଜୀବିତ କରି ରଖିବା ଲାଗି ପଡୁଁଆ ସରପୋଖରୀଆଡ଼ିରେ ଋଷ୍ୟଶୃଙ୍ଗ ଓ ଶାନ୍ତାକନ୍ୟାଙ୍କ ବିବାହ ଉତ୍ସବ ପାଳନ କରାଯାଇଆସୁଛି। ଋଷ୍ୟଶୃଙ୍ଗଙ୍କ ପିତା ଭାବେ ଅନୁଷ୍ଠାନର ସଭାପତି ନିତ୍ୟାନନ୍ଦ ଦାସ ଓ ମାତା କଳ୍ପନା ଦାସ, କନ୍ୟା ଶାନ୍ତାଙ୍କ ପିତା ଭାବେ ବିଜୟ କୁମାର ପଣ୍ଡା ଓ ମାତା ସୁଚିସ୍ମିତା ପଣ୍ଡା, ଭାଇ ଭାବେ ପ୍ରିୟବ୍ରତ ଦାସ ବିବାହ କାର୍ଯ୍ୟ ତୁଲାଇଥିଲେ। ପଣ୍ଡିତ ମୁକ୍ତିକାନ୍ତ କର, ଶାନ୍ତନୁ ପଣ୍ଡା, ଅମରେନ୍ଦ୍ର ଦୀକ୍ଷିତ ମନ୍ତ୍ର ଉଚ୍ଚାରଣ କରି ପାରମ୍ପାରିକ ଭାବେ ବିବାହ କାର୍ଯ୍ୟ ସମାପନ କରିଥିଲେ। ଅନୁଷ୍ଠାନ ସମ୍ପାଦକ ଚନ୍ଦ୍ରକାନ୍ତ ପରିଡ଼ାଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟ ସମ୍ପନ୍ନ କରାଯାଇଛି। ପୂଜା ମଣ୍ଡପରେ ଦଶରଥ, କୌଶଲ୍ୟା, ଲୋମପାଦ, ଶିବ, ପାର୍ବତୀ, ଗଙ୍ଗା, ହନୁମାନଙ୍କ ବିଗ୍ରହ ପୂଜା ପାଉଛନ୍ତି। ପାର୍ଶ୍ୱଚିତ୍ର ଭାବେ ହିରଣ୍ୟକଶ୍ୟପ ବଧ ଚିତ୍ର ପ୍ରଦର୍ଶିତ କରାଯାଇଛି।

## ସଂକ୍ଷେପରେ

### ବିଦ୍ୟୁତ ସଂସ୍ପର୍ଶରେ ନାବାଳକ ମୃତ

**କେନ୍ଦୁଝର, ୧୫।୬(ଡି.ଏନ୍.ଏ.)-** କେନ୍ଦୁଝର ଜିଲା ତୁରୁମୁଙ୍ଗା ଥାନା ଅନ୍ତର୍ଗତ ବାଉଁଶୂଳୀ ଗାଁର କୁମର ମହାକୁଡଙ୍କ ପୁଅ ଯତୀନ(୧୬)ଙ୍କର ବିଦ୍ୟୁତ ଆଘାତରେ ମୃତ୍ୟୁ ଘଟିଛି। ଶୁକ୍ରବାର ସନ୍ଧ୍ୟା ୭ଟା ସମୟରେ ଘରୋଇ କାମ ପାଇଁ ବିଦ୍ୟୁତ ସଜାଡୁଥିବାବେଳେ ଏଭଳି ଦୁଃଖଦାୟକ ଘଟଣା ଘଟିଛି। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟ ନେଇଥିଲେ। କିନ୍ତୁ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ତୁରୁମୁଙ୍ଗା ପୋଲିସ ଶନିବାର ମୃତଦେହ ବ୍ୟବଚ୍ଛେଦ କରାଇବା ସହ ତାଙ୍କ ପରିବାରକୁ ହସ୍ତାନ୍ତର କରିଛି।

### ବଜ୍ରପାତରେ ନାବାଳକ ଗୁରୁତର

**ପାଟଣା, ୧୫।୬(ସ୍ୱ.ପ୍ର.)-** କେନ୍ଦୁଝର ଜିଲା ପାଟଣା ବ୍ଲକ ରାଜନଗର ଗ୍ରାମରେ ଶନିବାର ଅପରାହ୍ଣରେ ବଜ୍ରପାତ ଯୋଗୁ ଜଣେ ନାବାଳକ ଗୁରୁତର ହୋଇଛନ୍ତି। ସେ ହେଉଛନ୍ତି ବାଙ୍ଗୁରୁ ବେଣ୍ଟକାରଙ୍କ ପୁଅ ଆକାଶ (୧୬) । ସୂଚନା ଅନୁଯାୟୀ, ଆକାଶ ଶନିବାର ଅପରାହ୍ଣରେ ଘର ଲୁହା ଗ୍ରୀଲ୍‌କୁ ଲଗାଉଥିବା ବେଳେ ବଜ୍ରପାତର ଶିକାର ହୋଇ ଗୁରୁତର ହୋଇଥିଲେ। ପାଟଣା ଅଗ୍ନିଶମ ବାହିନୀ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି।

### କାଗଜପତ୍ରରେ ସୀମିତ ଜଳଛତ୍ର



**ତେଲକୋଇ, ୧୫।୬(ଡି.ଏନ.ଏ.)-** ତେଲକୋଇ ବ୍ଲକ ଅନ୍ତର୍ଗତ ଆକୁଳ ପଞ୍ଚାୟତରେ ଜଳଛତ୍ର କରାଯାଇଛି। ତେବେ ଜଳଛତ୍ରରେ ପାଣି ନାହିଁ। ସମ୍ପୃକ୍ତ ଆକୁଳ ପଞ୍ଚାୟତ ମୁଖ୍ୟାଳୟରେ ଏସ.ବି.ଆଇ ବ୍ୟାଙ୍କ ସାଙ୍ଗକୁ ସ୍କୁଲ, ହାଇସ୍କୁଲ ଦୈନିକ ଶତାଧିକ ଲୋକେ ଯାତାୟାତ କରନ୍ତି। ହେଲେ ପଞ୍ଚାୟତ ପକ୍ଷରୁ କାଗଜପତ୍ର ରେ ୧୧ଟି ଜଳଛତ୍ର କରାଯାଇଥିବା ସୂଚନା ମିଳିଛି। ଏପରିସ୍ଥଳେ ଗ୍ରୀଷ୍ମପ୍ରବାହ ଶୀର୍ଷ ସ୍ଥାନରେ ପହଞ୍ଚିଥିବା ବେଳେ ଜଳଛତ୍ର ପାଇଁ କେବଳ ହାଣ୍ଡି ଓ ପ୍ରଚାର କରାଯାଇଥିବା ଅଭିଯୋଗ ହୋଇଛି । ଜଳଛତ୍ର ପାଇଁ ଜଣେ ଅସହାୟ ମହିଳା ଜଳଛତ୍ରରେ ପାଣି ଦେବା କାର୍ଯ୍ୟରେ ନିୟୋଜିତ କରାଯାଇଛି। କିନ୍ତୁ ମହିଳା ଜଣଙ୍କ କହିଛନ୍ତି ଯେ, ପଞ୍ଚାୟତରେ ଅର୍ଥର ଅଭାବ ଥିବା ଯୋଗୁ ପାଣି ଯୋଗାଣ କରିପାରୁ ନାହାନ୍ତି। ଏସମ୍ପର୍କରେ ବିଡିଓ ଦିଲ୍ଲିପ କୁମାର ବାରାଙ୍କୁ ପଚାରିବାରୁ ପାନୀୟଜଳ ଯୋଗାଣ ପାଇଁ ପଞ୍ଚାୟତ ଅଧୀନକୁ ଅର୍ଥ ବ୍ୟୟ ବରାଦ କରାଯାଇଛି। ତେବେ କଣପାଇଁ ଜଳ ଯୋଗାଣ ହୋଇପାରୁ ନାହିଁ ଏହାର ତଦନ୍ତ କରି ତୁରନ୍ତ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

# ଡାକ୍ତର ଅଭାବ, ହେଉନି ଭିତ୍ତିଭୂମି ବିକାଶ

**କେନ୍ଦୁଝର, ୧୫।୬(ସ୍ୱ.ପ୍ର.)**

- ଅବହେଳିତ ବାଂଶପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର
- ଅସ୍ୱାସ୍ଥ୍ୟକର ପରିବେଶରେ ରହୁଛନ୍ତି ରୋଗୀ
- ନିରାମୟ ଯୋଜନା ଫେଲ୍

କେନ୍ଦୁଝର ଜିଲାର ଆଦିବାସୀବହୁଳ ବାଂଶପାଳ ବ୍ଲକ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଅବହେଳିତ ହୋଇ ରହିଛି। ସରକାର ସ୍ୱାସ୍ଥ୍ୟସେବା ପାଇଁ ବିଭିନ୍ନ ଯୋଜନା କରୁଥିବାବେଳେ ଏହି ବ୍ଲକରେ ସେ ସବୁ ଫେଲ୍ ମାରିଛି କହିଲେ ଅତ୍ୟୁକ୍ତି ହେବନାହିଁ। ଏଣୁ ଏହି ବ୍ଲକ ଅଞ୍ଚଳରେ ପୁଷ୍ଟିହୀନତା, ଶିଶୁ ଓ ମାତୃ ମୃତ୍ୟୁହାର ଅଧିକ ଥିବା ବେଳେ ଯକ୍ଷ୍ମା, ମ୍ୟାଲେରିଆ, ଝାଡ଼ାବାନ୍ତି ଆଦିରେ ଲୋକମାନେ ଅଧିକ ଆକ୍ରାନ୍ତ ହୋଇଥାନ୍ତି। ପାହାଡ଼ ଓ ଜଙ୍ଗଲଘେରା ବହୁ ଅଞ୍ଚଳକୁ ଏବେ ମଧ୍ୟ ସ୍ୱାସ୍ଥ୍ୟସେବା ଅପହଞ୍ଚ ହୋଇଥିବାରୁ ଲୋକମାନେ ଜଡ଼ିବୁଟି ଚିକିତ୍ସା ତଥା ଗୁଣିଆ ଉପରେ ଭରସା କରିବାକୁ ବାଧ୍ୟ ହୋଇଥାନ୍ତି। ଏହି କାରଣରୁ ରାଜ୍ୟରେ ଏହି ବ୍ଲକ ସବୁବେଳେ ଚର୍ଚ୍ଚାରେ ରହିଆସୁଛି।

ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇଦେବାକୁ ୧୯୬୨ ମସିହାରେ ବାଂଶପାଳ ବ୍ଲକ ମୁଖ୍ୟାଳୟରେ ଏକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଖୋଲାଯାଇଥିଲା। ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ବ୍ଲକର ୧୭୫ ଗ୍ରାମର ୧ ଲକ୍ଷ ୧୫ ହଜାର ଲୋକ ନିର୍ଭରଶୀଳ। ଏହା ଅଧୀନରେ ୬ ପିଏଚ୍‌ସି ଓ ୨୫ ସବ୍‌ସେଣ୍ଟର ରହିଛି।



ଡ୍ରେନ୍‌ରେ ଆବର୍ଜନା ଭର୍ତ୍ତି।

୨୦୧୩ ମସିହାରେ ଏହାର ଏକ ନୂତନ କୋଠାକୁ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିଥିଲେ ହେଁ ରକ୍ଷଣାବେକ୍ଷଣ ଅଭାବରୁ ସେସବୁ ଅବ୍ୟବସ୍ଥା ମଧ୍ୟରେ ରହିଛି। ଏହି ବ୍ଲକରେ ୪୮ ପ୍ରତିଶତ ଆଦିବାସୀ ରହିଛନ୍ତି। ତେବେ ଏହି ମେଡିକାଲରେ ଡାକ୍ତର ସାଙ୍ଗକୁ ଭିତ୍ତିଭୂମିର ଅଭାବ ଯୋଗୁ ଚିକିତ୍ସା ବାଧାପ୍ରାପ୍ତ ହେଉଛି। ୧୬ ଶଯ୍ୟାବିଶିଷ୍ଟ ଏହି ଡାକ୍ତରଖାନାରେ ଅନେକ ସମୟରେ ୪୦ରୁ ୫୦ ରୋଗୀ ଦିନକୁ ଆସୁଥିବାରୁ ତଳେ ଶୋଇ ଚିକିତ୍ସିତ ହେଉଛନ୍ତି। ଡାକ୍ତରଖାନାରେ ଯାତାୟାତ ପାଇଁ ଗାଡି ନାହିଁ । ଏଣୁ ୧୦୮/୧୦୨ ଆମ୍ବୁଲାନ୍‌ସ ହିଁ ସାହାଭରସା। ଡ୍ରେନ୍ ଅଛି କିନ୍ତୁ ନିୟମିତ ସଫେଇ ହେଉ ନ ଥିବାରୁ ଏବଂ ଜଳ ନିଷ୍କାସନ ବ୍ୟବସ୍ଥା ନ ଥିବାରୁ ଅସ୍ୱାସ୍ଥ୍ୟକର ପରିବେଶ ମଧ୍ୟରେ ଡାକ୍ତର ଓ ରୋଗୀଙ୍କୁ ରହିବାକୁ ପଡୁଛି। ଡ୍ରେନ୍‌ରେ କୁଢ଼ କୁଢ଼ ଆବର୍ଜନା ଜମାହୋଇ ରହୁଥିବାରୁ ମଶା, ମାଛି, ବୁଲା କୁକୁରମାନଙ୍କ ପ୍ରାଦୁର୍ଭାବରେ ରୋଗୀ ଦୁର୍ଦ୍ଦଶା ଭୋଗୁଛନ୍ତି। ଅନେକ ସମୟରେ ପାଣି ସମସ୍ୟା ମଧ୍ୟ ଦେଖାଦେଉଛି। ମିଟିଂ ହଲ୍ ନ ଥିବାରୁ ମାସ ମାସ ଧରି ମିଟିଂ ହେଉନାହିଁ । ଫଳରେ ସ୍ୱାସ୍ଥ୍ୟସେବାର ସମୀକ୍ଷା ଠିକ୍‌ଭାବେ ହୋଇପାରୁନାହିଁ ବୋଲି ଅଭିଯୋଗ ହେଉଛି। ଗର୍ଭବତୀ ଓ ଶିଶୁମାନଙ୍କୁ ଅନେକ ସମୟରେ ମାଗଣା ଔଷଧ ବ୍ୟବସ୍ଥା ଥିଲେ ହେଁ ତାହା ମିଳୁ ନ ଥିବା ଅଭିଯୋଗ ହେଉଛି। ବହୁ ଅର୍ଥ ଖର୍ଚ୍ଚ ହେଉଛି କିନ୍ତୁ ଉପଯୁକ୍ତ ତଦାରଖ ଅଭାବରୁ ତାହା ଠିକ୍‌ରୂପେ କାର୍ଯ୍ୟକାରୀ ହୋଇପାରୁ ନ ଥିବା ଅଭିଯୋଗ ହେଉଛି । ନିରାମୟ ଯୋଜନାରେ ସବୁ ଔଷଧ ମିଳୁନାହିଁ । ନିର୍ଦ୍ଦିଷ୍ଟ ଏକ ଔଷଧ ଦୋକାନରୁ ଡାକ୍ତରଖାନା ପକ୍ଷରୁ ମେଡିସିନ କିଣାଯାଉଥିବାରୁ ଅନେକ ସମୟରେ ଔଷଧ ନ ମିଳିଲେ ସମସ୍ୟା ଦେଖାଦେଉଛି । ଏଣୁ ଏକାଧିକ ଔଷଧ ଦୋକାନ ସହିତ ଡାକ୍ତରଖାନା ଚୁକ୍ତି କରି ମେଡିସିନ କିଣିବା ବ୍ୟବସ୍ଥା କଲେ ରୋଗୀ ଉପକୃତ ହୋଇପାରନ୍ତେ ବୋଲି ମତ ପ୍ରକାଶ ପାଉଛି । ଗୁରୁତ୍ୱପୂର୍ଣ୍ଣ ସ୍ତ୍ରୀ ଓ ପ୍ରସୂତି ବିଭାଗ, ଶିଶୁ, ସର୍ଜରୀ, ନିଶ୍ଚେତକ ଆଦି ବିଶେଷଜ୍ଞ ପଦବୀ ଖାଲିପଡ଼ିଥିବାରୁ ସ୍ୱାସ୍ଥ୍ୟସେବା ବ୍ୟାହତ ହେଉଛି। ଫଳରେ ରୋଗୀଙ୍କୁ କେନ୍ଦୁଝର ଜିଲା ମୁଖ୍ୟ ଡାକ୍ତରଖାନାକୁ ପଠାଇ ଦିଆଯାଉଥିବା ବେଳେ ଅନେକ ସମୟରେ ରୋଗୀ ଅସୁବିଧାରେ ପଡୁଛନ୍ତି। ବାଂଶପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଦାୟିତ୍ୱରେ ଥିବା ଏଡିଏମ୍‌ଓ ଡକ୍ଟର ସୁଧାଂଶୁ ଶେଖର ବଳ କହିଛନ୍ତି ଯେ, ଇନ୍‌ଚାର୍ଜ ପଦବୀ ଖାଲିପଡିଛି । ତେବେ ଡାକ୍ତରଖାନାର ସୁପରିଚାଳନା ପାଇଁ ପଦକ୍ଷେପ ନିଆଯାଉଛି।

## ■ କେନ୍ଦୁପୋଶିରେ ସାପ ଆତଙ୍କ
# ଭୟରେ ଗ୍ରାମବାସୀ



ଉଦ୍ଧାର ହୋଇଥିବା ଚିତି ସାପ।

**କେନ୍ଦୁଝର, ୧୫।୬ ( ସ୍ୱ.ପ୍ର.)**

ସଦର ବ୍ଲକ ଅନ୍ତର୍ଗତ ନୂଆଗାଁ ପଞ୍ଚାୟତ ୧୫ ନମ୍ବରୱାର୍ଡ କେନ୍ଦୁପୋଶି ଗ୍ରାମରେ କିଛି ଦିନ ହେବ ସାପ ଆତଙ୍କ ଖେଳିଯାଇଛି। କେନ୍ଦୁପୋଶି ଗାଁରେ ୩୫ଟି ପରିବାର ବସବାସ କରୁଛନ୍ତି । ରାସ୍ତାଘାଟରେ ବିଷାକ୍ତ ସାପ ଚରା ବୁଲା କରୁଥିବାରୁ ଲୋକେ ଭୟରେ ଯିବା ଆସିବା କରୁଛନ୍ତି। ଏଠାରେ ଆଦିବାସୀ ଲୋକ ଅଧିକ ବସବାସ କରୁଛନ୍ତି। ଯଦିଓ ସର୍ପାଘାତରେ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ବହୁ ଲୋକ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ମାସକ ମଧ୍ୟରେ ପାତ୍ରସାହିର ଭୁଲୁ ପାତ୍ର, ବୁଦ୍ଧଦେବ ପାତ୍ର, ପୀତାମ୍ବର ପାତ୍ର, ଦିବାକର ପାତ୍ର, ସନାତନ ପାତ୍ରଙ୍କ ଘର ରାସ୍ତା ରେ ୨୨ଟି ଚିତି ଓ ରଣାସାପ ମରାଯାଇଛି । ବିଲ, ଜଙ୍ଗଲ -ବୁଦି ପରିବେଷ୍ଟିତ ଏହି ଗ୍ରାମର ଲୋକେ ସବୁବେଳେ ଆତଙ୍କିତର ଅବସ୍ଥାରେ ରହୁଛନ୍ତି। ସାପ ଭୟରେ ଅନ୍ଧାର ରାତିରେ ପଦାକୁ ଯିବାକୁ ଭୟ କରୁଛନ୍ତି । ବିଦ୍ୟୁତ କାଟ ହେଲେ କେହି ଘରୁ ବାହାରୁ ନାହାନ୍ତି। ଅନାବନା ଗଛ ଉଠି ଜଙ୍ଗଲ ହୋଇଥିବା ବେଳେ ଅସ୍ୱାସ୍ଥ୍ୟକର ପରିବେଶ ଯୋଗୁଁ ସାପ ମାନେ ରହୁଛନ୍ତି। ଜିଲା ପ୍ରଶାସନ ଗାଁକୁ ସ୍ନେକ ହେଲ୍ପ ସ୍କ୍ୱାଡ ପଠାଇ ସାପଙ୍କ ଦାଉରୁ ସୁରକ୍ଷା ଦେବାକୁ କେନ୍ଦୁପୋଶି ଗ୍ରାମବାସୀ ଅନୁରୋଧ କରିଛନ୍ତି।

# ବିଭିନ୍ନ ସମସ୍ୟାରେ ଚମ୍ପୁଆ ଉପଡାକଘର

## ବଢୁଛି ଅସନ୍ତୋଷ

**ଚମ୍ପୁଆ, ୧୫।୬(ଡି.ଏନ୍.ଏ.)**

ଚମ୍ପୁଆ ସଦର ମହକୁମାରେ ଥିବା ଉପଡାକଘରେ ଦୀର୍ଘଦିନ ଧରି ପ୍ରାୟ ୧୫୦ରୁ ଊର୍ଦ୍ଧ୍ୱ ନୂତନ ପାସ୍‌ବହି ଖୋଲା ନ ଯାଇ ପଡିରହିଥିବା ଦେଖିବାକୁ ମିଳିଛି। ଏ ନେଇ ବର୍ତ୍ତମାନର ପୋଷ୍ଟମାଷ୍ଟର ଲିଙ୍ଗରାଜ ପାତ୍ରଙ୍କୁ ପଚାରିବାରୁ ପୂର୍ବରୁ ଥିବା ପୋଷ୍ଟମାଷ୍ଟରମାନେ କାହିଁକି ଏହା ଖୋଲିପାରିନାହାନ୍ତି, ତାହା ଆମେ ମଧ୍ୟ ଜାଣିପାରୁନାହୁଁ। ସୂଚନା ଅନୁସାରେ, ଏହି ଉପଡାକଘରେ ଗତ ନଭେମ୍ବର ୨୦୧୮ ମସିହାରୁ ନୂତନ ପାସ୍‌ବୁକ୍ ଖୋଲିବା ପାଇଁ ଗ୍ରାହକମାନେ ଆବେଦନ କରିଥିଲେ। ମାତ୍ର ଆଜିପର୍ଯ୍ୟନ୍ତ ତାହା ପଡ଼ିରହିଛି। କର୍ମଚାରୀ ଅଭାବ ସାଙ୍ଗକୁ ଲିଙ୍କ୍ ଫେଲ୍ ଏହାର ପ୍ରମୁଖ କାରଣ ସାଜିଥିବା ଜଣାଯାଇଛି। କର୍ମଚାରୀ ଅଭାବ ଥିଲେ ମଧ୍ୟ ଅନେକ ସମୟରେ କର୍ମଚାରୀମାନଙ୍କୁ ଡେପୁଟେଶନରେ ପଠାଯାଉଥିବା ଅନ୍ୟ ଏକ କାରଣ ହୋଇଛି। ଫଳରେ ଗ୍ରାହକମାନେ ଏଠାକୁ ବହୁ ସମୟରେ ଆସି ଅସନ୍ତୋଷ ପ୍ରକାଶ କରୁଥିବା ଦେଖାଦେଇଛି।




ଚମ୍ପୁଆ ଉପଡାକଘର।

ସମସ୍ୟାରେ ଥିବା ଏହି ଡାକଘରେ ପୂର୍ବରୁ ୧୦ ହଜାର ଲୋକଙ୍କ ପାଇଁ ୩ରୁ ୪ ଜଣ ପୋଷ୍ଟ ପିଅନ କାର୍ଯ୍ୟ କରୁଥିଲେ। ମାତ୍ର ବର୍ତ୍ତମାନ ପ୍ରାୟ ୪୦ ହଜାର ଜନସଂଖ୍ୟା ବିଶିଷ୍ଟ ଚମ୍ପୁଆ ଏନ୍‌ଏସିରେ ଜଣେ ମାତ୍ର ପିଅନ କାର୍ଯ୍ୟ କରୁଛନ୍ତି। ତତ୍କାଳୀନ ସବ୍‌ଇନ୍ସପେକ୍ଟର ଏହି ସଂଖ୍ୟା କମାଇଥିଲେ। ଫଳରେ ସାଧାରଣ ଡାକ ସମେତ ରେଜିଷ୍ଟ୍ରି, ସ୍ପିଡ୍ ପୋଷ୍ଟ ଆଦି ପ୍ରମୁଖ କାର୍ଯ୍ୟ ଠିକ୍ ସମୟରେ ଗ୍ରାହକ ପାଖରେ ପହଞ୍ଚିପାରୁ ନ ଥିବା ଅଭିଯୋଗ ହୋଇଛି। ଏତଦ୍ ବ୍ୟତୀତ ଉପଡାକଘର କାର୍ଯ୍ୟ ପାଇଁ ବିଏସ୍‌ଏନ୍‌ଏଲ ଓ ସିଫି ପକ୍ଷରୁ ନେଟ୍‌ୱର୍କ ଦିଆଯାଉଥିଲା। ମାତ୍ର ବର୍ଷେ ହେବ ବିଏସ୍‌ଏନ୍‌ଏଲ ମୋଡେମ ପୋଡ଼ିଯାଇଥିଲେ ମଧ୍ୟ ତାହା ଠିକ୍ କରାଯାଇ ପାରିନାହିଁ। କେବଳ ସିଫି ନେଟ୍‌ୱର୍କ ମାଧ୍ୟମରେ କାର୍ଯ୍ୟ କରାଯାଉଥିଲେ ମଧ୍ୟ ତାହା ଅନେକ ସମୟରେ ଫେଲ୍ ରହୁଥିବା ଯୋଗୁ ଡାକଘର ଗ୍ରାହକଙ୍କୁ ସେବା ଯୋଗାଇବାରେ ବିଫଳ ହେଉଛି। ନୂତନ ମୋଡେମ ପ୍ରଦାନ କରି ଓ ପୋଷ୍ଟ ପିଅନ ସଂଖ୍ୟା ବୃଦ୍ଧି କରିବାକୁ ଗ୍ରାହକମାନେ ଦାବି ଜଣାଇଛନ୍ତି।

## ଆଶାକର୍ମୀଙ୍କୁ ଦୁର୍ବ୍ୟବହାର: ଜେଲ ଗଲେ ଯୁବକ

**ଚମ୍ପୁଆ, ୧୫।୬(ଡି.ଏନ.ଏ.)–** ଚମ୍ପୁଆ ବଜାରରେ ଜଣେ ଆଶାକର୍ମୀଙ୍କୁ ଦୁର୍ବ୍ୟବହାର କରିଥିବା ସ୍ଥାନୀୟ ଅଞ୍ଚଳର ଜଣେ ଯୁବକଙ୍କୁ ଚମ୍ପୁଆ ପୋଲିସ ଗିରଫ କରିବା ସହିତ ଜେଲ ପଠାଇଥିବା ଥାନା ଅଧିକାରୀ ମନୋରଞ୍ଜନ ପ୍ରଧାନ ପ୍ରକାଶ କରିଛନ୍ତି। ସୂଚନା ଅନୁସାରେ, ମହେଶ୍ୱରପୁର ଅଞ୍ଚଳର ଜଣେ ଆଶାକର୍ମୀ ଗ୍ରାମରୁ ଏକ ଅଟୋ ଯୋଗେ ଚିକିତ୍ସା ପାଇଁ ଚମ୍ପୁଆ ଡାକ୍ତରଖାନା ଆସି ଫେରିବା ବେଳେ ସ୍ଥାନୀୟ ଅଞ୍ଚଳର ଦୁଇ ଅଟୋ ଚାଳକଙ୍କ ପାସେଞ୍ଜର ନେବାକୁ ନେଇ କଥା କଟାକଟି ହୋଇଥିଲା। ଆଶାକର୍ମୀ ଜଣଙ୍କ ଏହାର ବିରୋଧ କରିବାରୁ ତାଙ୍କୁ ଉଭୟ ଅଟୋଚାଳକ ଅଶାଳୀନ ବ୍ୟବହାର କରିଥିଲେ। ଅଭିଯୋଗକୁ ଭିତ୍ତିକରି ଚମ୍ପୁଆ ପୋଲିସ ଜଣଙ୍କୁ ଗିରଫ କରିଥିବା ବେଳେ ଅନ୍ୟ ଜଣେ ଫେରାର ଥିବା ସୂତ୍ରରୁ ପ୍ରକାଶ।

## ଅସହାୟଙ୍କୁ ସହାୟତା

**ହାଟଡିହୀ, ୧୫।୬(ଡି.ଏନ.ଏ.)**

ହାଟଡିହୀ ବ୍ଲକ ନାହା ଗ୍ରାମର ଯୁବ ଇଞ୍ଜିନିୟର ଚନ୍ଦ୍ରମୌଳି ମହାନ୍ତି ଦିଲ୍ଲୀରେ କାର୍ଯ୍ୟରତ ଅଛନ୍ତି। ସେ ସର୍ଭ ଫର ପିପୁଲ ଗ୍ରୁପର ପ୍ରତିଷ୍ଠାତା ଅଟନ୍ତି। ଏହି ଗ୍ରୁପରେ ୧୫୧ ଜଣ ସଦସ୍ୟା/ସଦସ୍ୟ ଅଛନ୍ତି। ଗରିବ ଅସହାୟ ଓ ରୋଗୀଙ୍କୁ ସାହାଯ୍ୟ, ସେବା ଉଦ୍ଦେଶ୍ୟ ରଖି ଏହି ଗ୍ରୁପ ନିଜର ଅଭିଯାନ ଚଳାଇଛି। ବିଭିନ୍ନ ଜନହିତକର କାର୍ଯ୍ୟ କରି ଏହା ଏବେ ନୂତନ ପରିଚୟ ସୃଷ୍ଟି କରିଛି। ନିଜ ଅଞ୍ଚଳରେ ନିଜର ସେବା କାର୍ଯ୍ୟକୁ ସିମୀତ ନ ରଖି ଅନ୍ୟ ଜିଲାରେ ମଧ୍ୟ ସେବା କାର୍ଯ୍ୟ ଆରମ୍ଭ କରିଛି। ଏହି ଗ୍ରୁପ ତରଫରୁ କେନ୍ଦୁଝର ଜିଲାର ବିଭିନ୍ନ ଅଞ୍ଚଳରେ ଗରିବ, ରୋଗୀ ଓ ଅସହାୟମାନଙ୍କୁ ସାହାଯ୍ୟ କରାଯିବା ବହୁ ଉଦାହରଣ ରହିଛି। ଆସନ୍ତା ଦିନରେ ସେବା କାର୍ଯ୍ୟକ୍ରମ ଗ୍ରୁପ ତରଫରୁ ଚାଲୁ ରହିବ ବୋଲି ପ୍ରତିଷ୍ଠାତା ଚନ୍ଦ୍ରମୌଳି ଓ ଅନ୍ୟ ସଦସ୍ୟ ମାନେ ପ୍ରକାଶ କରିଛନ୍ତି।

# ଡଅଁର, ମରୈଗାଁରେ ରଜ ମହୋତ୍ସବ

**ହାଟଡିହୀ, ୧୫।୬(ଡି.ଏନ.ଏ.)**

କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ମରୈଗାଁ ସତ୍ୟସାଇ ଯୁବକ ସଂଘ ସେବା ସମିତି ଓ ଡଅଁର ରଜ କମିଟି ତରଫରୁ ସ୍ଥାନୀୟ ରଜ ପଡ଼ିଆରେ ରଜ ମହୋତ୍ସବ ପାଳିତ ହୋଇଛି । ବିଭିନ୍ନ ରକମର ଦୋଳି ଲାଗିଥିବା ବେଳେ ସନ୍ଧ୍ୟା ସମୟରେ ମେଲୋଡି କାର୍ଯ୍ୟକ୍ରମକୁ ବେଶ ଆକର୍ଷଣୀୟ କରିଛି। ଯୁବତୀ ଯୁବକମାନେ ଦୋଳି ଖେଳି ବେଶ ଆନନ୍ଦ ଉଠାଉଛନ୍ତି। ଦୀର୍ଘ ବର୍ଷ ଧରି ଏହି ଦୁଇ ସ୍ଥାନରେ ରଜଉତ୍ସବ ପାଳିତ ହୋଇଆସୁଛି। ଏଥିସହ ବିଭିନ୍ନ ପ୍ରକାରର ପ୍ରତିଯୋଗିତା ଅନୁଷ୍ଠିତ ହେଉଛି। ମରୈଗାଁ ଠାରେ ଆନନ୍ଦପୁର ବିଧାୟକ ଭାଗୀରଥୀ ସେଠୀ ମୁଖ୍ୟଅତିଥି ଭାବେ ଯୋଗ ଦେବା ସହ ପ୍ରଦୀପ ପ୍ରଜ୍ୱଳନ କରି ଏହି ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତାଭାବେ ଅବସରପ୍ରାପ୍ତ ଶିକ୍ଷକ ବାଇଧର ବେହେରା ଓ ସମ୍ମାନିତ ଅତିଥି ଭାବେ ହାଟଡିହୀ ମହାବିଦ୍ୟାଳୟର ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ସ୍ୱାଇଁ ଯୋଗ ଦେଇଥିଲେ। ଏଥିସହ ଶ୍ରୀ ରାଧାକୃଷ୍ଣଙ୍କର ପୂଜା ଆରାଧନା କରାଯାଇଥିଲା। ରବିବାର ପଞ୍ଚାୟତସ୍ତରୀୟ ରଜ କୁଇନ୍ ପ୍ରତିଯୋଗୀତା ଓ ବିଭିନ୍ନ ବର୍ଗର ମେଧାବୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିବା କାର୍ଯ୍ୟକ୍ରମ ରହିଛି ।



ରଜ ମହୋତ୍ସବରେ ଉପସ୍ଥିତ ଅତିଥି।

# ରଜରେ ଶବରୀଙ୍କ ପାରମ୍ପରିକ ନୃତ୍ୟ

**କେନ୍ଦୁଝର, ୧୫।୬(ସ୍ୱ.ପ୍ର.)**

ଉତ୍ସବ ସମୟରେ ଆଦିବାସୀ ମାନେ ଏକାଠି ହୋଇ ନାଚଗୀତ କରି ମହାଆନନ୍ଦରେ ସମୟ ଅତିବାହିତ କରିଥାନ୍ତି। ଏହି ସମୟରେ ସେମାନେ ଏକାଠି ସଂଘବଦ୍ଧ ଭାବେ ହାତକୁ ହାତ ଓ ଅଣ୍ଟା ଅଣ୍ଟା ଧରି ଦଳ ଦଳ ହୋଇ ନୃତ୍ୟ କରନ୍ତି। ଏହାକୁ ଶବରୀ ନୃତ୍ୟ କୁହାଯାଏ । ବଣଜଙ୍ଗଲରେ ରହୁଥିବାରୁ ଏମାନଙ୍କୁ ଶବରୀ କୁହାଯାଏ। ସେମାନେ ନିଜର ପାରମ୍ପରିକ ବାଦ୍ୟ ବା ହାତ ତାଳି ମାରି ନୃତ୍ୟଗୀତ କରିଥାନ୍ତି। ଛୋଟ ପିଲାଙ୍କ ଠାରୁ ଆରମ୍ଭ କରି ବୃଦ୍ଧାବୃଦ୍ଧ ସଭିଏଁ ଏହି ନୃତ୍ୟରେ ମଜିଥାଆନ୍ତି। ସ୍ୱତନ୍ତ୍ର ଭାବେ ନୂଆ ଲୁଗା ପିନ୍ଧି, ପିଠାପଣା ଖାଇ ରଜ ଦିନ ଏହି ଉତ୍ସବକୁ ଧୁମ୍‌ଧାମ୍‌ରେ ପାଳନ କରିଥାନ୍ତି। ତେବେ ରଜରେ ଧରିତ୍ରୀ ବା ମା କୁ ପୂଜା କରିଥାନ୍ତି । ରଥରେ ଶ୍ରୀ ବଳଦେବଜୀଉ ବା ବାପାଙ୍କୁ ପୂଜାର୍ଚ୍ଚନା କରିଥାନ୍ତି । ଏଣୁ ଅନେକ ସମୟରେ ସେମାନେ ଏହି ଉତ୍ସବ ପରିବେଶକୁ ବାପାଙ୍କ ପୂଜା ଅର୍ଥାତ ରଥଯାତ୍ରା ପର୍ଯ୍ୟନ୍ତ ପାଳନ କରିଥାନ୍ତି । ତେବେ ଆଧୁନିକ ଚାକଚକ୍ୟରେ ଏହା ଧିରେ ଧିରେ ଲୋପ ପାଇବାକୁ ବସିଥିବା ବେଳେ ଅନେକ ଅଂଚଳରେ ଏହା ଏବେ ମଧ୍ୟ ଚାଲିଆସୁଥିବା ବେଳେ କେତେକ ସଂଗଠନ ଏହାକୁ ବଂଚାଇ ରଖିବାକୁ ଉଦ୍ୟମ କରିଆସୁଛନ୍ତି। ଏହି ସ୍ୱତନ୍ତ୍ର ଶବରୀ ନୃତ୍ୟବେଳେ ସେମାନଙ୍କ ମଧ୍ୟରେ ଗୀତ ବା ଢଗଢମାଳୀ ଭାବରେ ପ୍ରଶ୍ନୋତ୍ତର କରି ଭାବର ଆଦାନ ପ୍ରଦାନ କରିଥାନ୍ତି।

# ରାସ୍ତାରୁ ଉଠିଗଲାଣି ପିଚୁ

**ହାଟଡିହୀ, ୧୫।୬(ଡି.ଏନ.ଏ.)**

ସରକାରୀସ୍ତରରେ ଦାୟିତ୍ୱହୀନତା ପାଇଁ ସାଧାରଣ ଲୋକେ ଦୁର୍ଦ୍ଦଶା ଭୋଗୁଛନ୍ତି। ଉପଯୁକ୍ତ ତଦାରଖ ଅଭାବରୁ ସରକାରୀ ଅନୁଦାନରେ ନିର୍ମିତ କାର୍ଯ୍ୟ ନିମ୍ନମାନର ହେଉଛି। କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ମରୈଗାଁ ଠାରୁ ଭଦ୍ରକ ଜିଲା ବଳିପୁର ପର୍ଯ୍ୟନ୍ତ ନିର୍ମିତ ହୋଇଥିବା ବନ୍ୟା ନିୟନ୍ତ୍ରଣ ପ୍ରତିବନ୍ଧକ ରାସ୍ତା (ଏମାଙ୍ଗମେଣ୍ଟ ରୋଡ଼) ଏବେ ଖରାପ ହୋଇ ପଡ଼ିଛି । ଜଳସମ୍ପଦ ବିଭାଗ ତରଫରୁ ପ୍ରାୟ ୧୩ କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଇ ପିଚୁ ରାସ୍ତା ନିର୍ମାଣ ହୋଇଥିଲା । କିନ୍ତୁ ୧୩ ମାସ ନପୁରୁଣୁ ରାସ୍ତାର ଅବସ୍ଥା ଶୋଚନୀୟ ହୋଇଛି । ରାସ୍ତାର ଅଧିକାଂଶ ସ୍ଥାନ ଖାଲ ସୃଷ୍ଟି ହୋଇଥିବା ବେଳେ ପିଚୁ ମଧ ଉଠିଗଲାଣି । ବର୍ଷାହେଲେ ଖାଲରେ ପାଣି ଜମୁଛି। ଠିକ ଭାବେ କାର୍ଯ୍ୟ କରାଯାଇନଥିବାରୁ ଅଳ୍ପ କେତେ ଦିନରେ ପିଚୁ ଉଠିଗଲା ବୋଲି ଲୋକେ ଅଭିଯୋଗ କରିଛନ୍ତି। ଏସମ୍ପର୍କରେ ଯନ୍ତ୍ରୀ ସୂର୍ଯ୍ୟମଣୀ ସାମଲ କହିଛନ୍ତି ଯେ, ପରେ ଏହାର ମରାମତି କରାଯିବ।

# ସୀତା ଠାକୁରାଣୀଙ୍କ ଦର୍ଶନ ଲାଗି ଭକ୍ତଙ୍କ ଭିଡ଼

## ସୀତାବିଞ୍ଜାରେ ରଜମେଳା

**ଢେଙ୍କିକୋଟ, ୧୫।୬(ଡି.ଏନ୍.ଏ.)**

ଓଡ଼ିଶାର ଅନ୍ୟତମ ପର୍ଯ୍ୟଟନସ୍ଥଳୀ ସୀତାବିଞ୍ଜାଠାରେ ଶନିବାରଠାରୁ ଆରମ୍ଭ ହୋଇଛି ୩ ଦିନିଆ ରଜମେଳା। ପ୍ରତିବର୍ଷ ପରି ରଜମେଳାର ପ୍ରଥମ ଦିନରେ ମା' ସୀତା ଠାକୁରାଣୀଙ୍କ ଦର୍ଶନ ପାଇଁ ଭକ୍ତଙ୍କ ପ୍ରବଳ ଭିଡ଼ ଜମିଥିଲା। ରାଜ୍ୟ ଓ ରାଜ୍ୟ ବାହାରୁ ହଜାର ହଜାର ପର୍ଯ୍ୟଟକ ଆସି ପହଞ୍ଚିଥିଲେ। ମେଳାରେ ଶୃଙ୍ଖଳା ରକ୍ଷା ପାଇଁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ଲୋକମାନେ ଧାଡ଼ିରେ ଯାଇ ଠାକୁରାଣୀଙ୍କୁ ଦର୍ଶନ କରି ପୂଜାର୍ଚ୍ଚନା କରିଥିଲେ। ରଜ ସଂକ୍ରାନ୍ତୀରେ ସୀତାବିଞ୍ଜା ପାଦ ଦେଶରେ ପ୍ରବାହିତ ସୀତାନଦୀରେ ବୁଡ଼ ପକାଇ ମା'ସୀତାଠାକୁରାଣୀ ଓ ତାଙ୍କ ଜମଜ ପୁତ୍ର ଲବକୁଶଙ୍କୁ ଦର୍ଶନ କଲେ ମନସ୍କାମନା ପୂର୍ଣ୍ଣ ହୋଇଥାଏ ବୋଲି ଲୋକ ବିଶ୍ୱାସ ରହିଛି।

ମୁଖ୍ୟ ପୂଜକ ନାଥ ଦେହୁରୀ ଭୋର ୫ଟାରୁ ମା'ଙ୍କ ସ୍ନାନାଦି ପୂଜାବିଧି ସମ୍ପନ୍ନ କରିବାପରେ ସକାଳ ୬ଟାରେ ଆଳତୀ କରାଯାଇଥିଲା। ଏହା ପରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ସୁଯୋଗ ମିଳିଥିଲା। ତ୍ରେତୟା ଯୁଗର କିମ୍ବଦନ୍ତୀ ବହନ କରୁଥିବା ସୀତାବିଞ୍ଜାରେ ପଡ଼ିଥିବା ରଜମେଳାରେ ବିଭିନ୍ନ ପସରା ଆକର୍ଷଣ ସାଜିଛି। ମେଳାର ପ୍ରଥମ ଦିନରେ ୫୦ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ଉକ୍ତ ମା'ଙ୍କୁ ଦର୍ଶନ କରିଥିବା କୁହାଯାଇଛି। ସୀତାବିଞ୍ଜ ଗ୍ରାମବାସୀଙ୍କ ସମେତ ଟ୍ରଷ୍ଟି ଏବଂ ଗ୍ରାମର ମହିଳା ମଣ୍ଡଳ ମେଳା ପରିଚାଳନାରେ ସହଯୋଗ କରିଥିଲେ।



ସୀତାବିଞ୍ଜ ପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼।

ଟ୍ରଷ୍ଟି ପକ୍ଷରୁ ମାଘ ଦେହୁରୀ, ନାରଣ ଦେହୁରୀ, ରବୀନ୍ଦ୍ର ଦେହୁରୀ ଏବଂ ବିକାଶ ଦେହୁରୀ କାର୍ଯ୍ୟ ତଦାରଖ କରିଥିବା ସଭାପତି ଦୁଃଶାସନ ନାୟକ ପ୍ରକାଶ କରିଛନ୍ତି। ଢେଙ୍କିକୋଟ ଫାଣ୍ଡି ଓ ଘଟଗାଁ ଥାନା ପୋଲିସ ଶାନ୍ତି ଶୃଙ୍ଖଳା ରକ୍ଷା କରିଥିଲେ। ଏଥିସହ କେନ୍ଦୁଝର ଜିଲା ସଦର ମହକୁମାରୁ ଆସିଥିବା ପୋଲିସ ଫୋର୍ସ ମୁତୟନ ରହିଥିଲେ। ସୀତାବିଞ୍ଜାରେ ପୁରାତନ ଯୁଗର ଶିଳାଲିପି, ରାବଣ ଛାୟା ଭଣ୍ଡାରଘର ଓ ଚତୁର୍ମୁଖୀ ବ୍ରହ୍ମା ସବୁବେଳେ ପର୍ଯ୍ୟଟକଙ୍କ ପାଇଁ ଆକର୍ଷଣ ସାଜିଛି।

# ତାର ଛିଣ୍ଡି ଗଛପତ୍ର ପୋଡ଼ିଗଲା

**କେନ୍ଦୁଝର, ୧୫।୬(ସ୍ୱ.ପ୍ର.)**

## ଅଳ୍ପକେ ବର୍ତ୍ତିଲେ ସାହିବାସୀ

ବିଦ୍ୟୁତ୍ ବିଭାଗର ଅବହେଳା ଯୋଗୁ ସ୍ଥାନୀୟ ପୁରୁଣା ସହର ବୈଦରାଜପୁର ସାହିରେ ତାର ଛିଣ୍ଡିପଡ଼ିବାରୁ ଏକ ବଡ଼ଧରଣର ଦୁର୍ଘଟଣା ଘଟିବାକୁ ଯାଉଥିଲା। ତେବେ ସ୍ଥାନୀୟ ଲୋକଙ୍କ ଉପସ୍ଥିତ ବୁଦ୍ଧି ଯୋଗୁ ଏପରି ଏକ ଦୁର୍ଘଟଣାକୁ ରୋକାଯାଇପାରିଛି। ଶୁକ୍ରବାର ରାତିରେ ହଠାତ ବିଦ୍ୟୁତ୍ ତାର ପୋଡ଼ିଯାଇ ଛିଣ୍ଡି ଯାଇଥିଲା। ତାର ତଳେ ଖସିପଡି ରାସ୍ତାକଡ଼ରେ ଥିବା ଗଛ ପୋଡ଼ିଯାଇଥିଲା। ତେବେ ଯାତାୟାତ କମ୍ ଥିବାରୁ ଲୋକ ବା ଗୃହପାଳିତ ପଶୁପକ୍ଷୀ ବର୍ତ୍ତିଯାଇଥିଲେ। ତେବେ ପାଖରେ ଥିବା ଏକ ଘର ଉପରେ ତାରଟି ପଡ଼ିଥିବାରୁ ଦୁର୍ଘଟଣା ଆଶଙ୍କା ଦେଖାଦେଇଥିଲା। ନିଆଁ ଲାଗିବା ଦେଖି ସ୍ଥାନୀୟ ଲୋକେ ବିଦ୍ୟୁତ୍ ବିଭାଗ ଏସ୍‌ଡିଓ, କନିଷ୍ଠ ଯନ୍ତ୍ରୀଙ୍କୁ ସୂଚିତ କରିଥିଲେ ହେଁ ଫୋନ୍ ସୁଇଚ୍‌ଅଫ୍ ଥିବାରୁ ଯୋଗାଯୋଗ ହୋଇପାରି ନ ଥିଲା। ପରେ ଦମକଳ ବାହିନୀ ପହଞ୍ଚିଥିଲା କିନ୍ତୁ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରାଯାଇ ନ ଥିବାରୁ ପାଣି ଢାଳି ନିଆଁ ଲିଭାଇବାକୁ ଭୟ କରିଥିଲେ।



ବିଦ୍ୟୁତ୍ ତାର ଛିଣ୍ଡି ରାସ୍ତାକଡ଼ରେ ନିଆଁ ଲାଗିଛି।

ବିଭାଗୀୟ ଯନ୍ତ୍ରୀମାନେ ଫୋନ୍ ସୁଇଚ୍‌ଅଫ୍ କରିଥିବା ବେଳେ ନେସ୍କୋ ୟୁଟିଲିଟି ଅଫିସରେ ଫୋନ ନ ଥିବାରୁ ଯୋଗାଯୋଗ କରାଯାଇପାରିଲା ନାହିଁ । ତେବେ ଉପସ୍ଥିତ ବୁଦ୍ଧି ଖଟାଇ ଦମକଳ ବାହିନୀ ପାଣି ନ ଢାଳି ଗଛ ଡାଳରେ ପିଟି ପିଟି ନିଆଁକୁ ଆୟତ୍ତ କରିଥିଲେ ବୋଲି ସ୍ଥାନୀୟ ବାସିନ୍ଦା ଜଟିଆ ସ୍ୱାଇଁ କହିଛନ୍ତି। ତାର ଛିଣ୍ଡିବା କାରଣରୁ ଉକ୍ତ ଅଞ୍ଚଳରେ ବିଦ୍ୟୁତ୍ ସରବରାହ ବନ୍ଦ ଥିଲେ ହେଁ ତୁରନ୍ତ ସଜଡା ଯାଇ ନ ପାରିବାରୁ ଲୋକଙ୍କୁ ଗରମରେ ହୀନସ୍ତା ହେବାକୁ ପଡୁଛି। ଆପତ୍ତକାଳୀନ ପରିସ୍ଥିତିରେ ବିଦ୍ୟୁତ୍ ବିଭାଗ କର୍ମଚାରୀଙ୍କ ଏପରି ଦାୟିତ୍ୱହୀନତାକୁ ନେଇ ଜନ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି । ଏଣୁ ଏ ନେଇ ଜିଲା ପ୍ରଶାସନ ଉପଯୁକ୍ତ ପଦକ୍ଷେପ ନେବାକୁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି।